# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 January – 2026

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ୪ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ସହାୟତା ରାଶି ବାବଦରେ ୩୧୫ କୋଟିରୁ ଅଧିକ ଟଙ୍କା ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ
- ଓଡ଼ିଶା ସମେତ ୧୦ଟି ରାଜ୍ୟର ରାଜ୍ୟସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ
- ଚାଷୀଙ୍କୁ ସଠିକ୍ ସମୟରେ ସାର ଓ ବିହନ ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ
- ସ୍ଥିର, ପର୍ଯ୍ୟାପ୍ତ ଏବଂ ନିର୍ଭରଶୀଳ ଜଳଯୋଗାଣକୁ ସୁନିଶ୍ଚିତ କରୁଛି ପାଣି ପଞ୍ଚାୟତ

ଏବଂ

- ଗ୍ରାମରକ୍ଷୀଙ୍କ ମାସିକ ଭତ୍ତା ଅଢ଼େଇ ହଜାର ଟଙ୍କାକୁ ବୃଦ୍ଧି କଲେ ରାଜ୍ୟ ସରକାର

# ସୁଭଦ୍ରା ରାଶି

ରାଜ୍ୟର ମହିଳାଙ୍କ ସାମଗ୍ରୀକ ବିକାଶ ଓ ସେମାନଙ୍କୁ ଆର୍ଥିକ ସ୍ତରରେ ସଶକ୍ତ କରିବା ପାଇଁ ସରକାର ସୁଭଦ୍ରା ଯୋଜନାର ଆରମ୍ଭ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଓୟୁଏଟି'ସ୍ଥିତ କୃଷି-ଶିକ୍ଷା ସଦନରେ ଆଜି ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ସହାୟତା ରାଶି ପ୍ରଦାନ କରି ଶ୍ରୀ ମାଝୀ କହିଛନ୍ତି, ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ଏହି ଯୋଜନାରେ ବାର୍ଷିକ ୧୧ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମହିଳାମାନେ ସାମାଜିକ, ଆର୍ଥିକ ଓ ରାଜନୈତିକ ସ୍ତରରେ ସମୃଦ୍ଧ ହେଲେ ବିକାଶ ସମ୍ଭବ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଏହି ପର୍ଯ୍ୟାୟରେ ୪ ଲକ୍ଷ ୫୭ ହଜାର ୬୮୧ଜଣ ହିତାଧିକାରୀଙ୍କୁ ୩୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ରାଶି ବଣ୍ଟନ କରାଯାଇଛି। ସୁଭଦ୍ରା ଯୋଜନାରେ ନୂତନ ଭାବେ ଯୋଡ଼ି ହୋଇଥିବା ୧ ଲକ୍ଷ ୭୮ ହଜାର ୩୯୮ ଜଣ ହିତାଧିକାରୀଙ୍କ ସମେତ ପୂର୍ବରୁ ସହାୟତା ପାଇ ନଥିବା ହିତାଧିକାରୀଙ୍କୁ ଏହି ଟଙ୍କା ପ୍ରଦାନ କରାଯାଇଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ସୁଭଦ୍ରା ଯୋଜନା ଏକ ଆର୍ଥିକ ସହାୟତା ଯୋଜନାରେ ସୀମିତ ନରହି ବର୍ତ୍ତମାନ ଲକ୍ଷ ଲକ୍ଷ ମହିଳାଙ୍କ ସ୍ୱପ୍ନ ପୂରଣ ଦିଗରେ ସଶକ୍ତ ପୃଷ୍ଠପୋଷକ ସାଜିଛି। ରାଜ୍ୟରେ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି। ମହିଳମାନଙ୍କୁ ଦକ୍ଷତା ବିକାଶ ସହ ଉଦ୍ୟୋଗୀ କରିବା ପାଇଁ ସେମାନଙ୍କୁ ତାଲିମ ପ୍ରଦାନ କରାଯାଉଛି।

କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂହ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

Desk

## ରାଜ୍ୟସଭା ନିର୍ବାଚନ ପ୍ରକ୍ରିୟା

ଓଡ଼ିଶା ସମେତ ୧୦ଟି ରାଜ୍ୟର ରାଜ୍ୟସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରିଟର୍ଣ୍ଣିଂ ଅଫିସର ନିଯୁକ୍ତି ଲାଗି ନିର୍ବାଚନ କମିଶନ' ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ପ୍ରସ୍ତାବ ମାଗିଛନ୍ତି।  ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ରିଟର୍ଣ୍ଣିଂ ଅଫିସର, ସହାୟକ ରିଟର୍ଣ୍ଣିଂ ଅଫିସର, ଭୋଟ୍‌ଗ୍ରହଣ ସ୍ଥାନ ଏବଂ ବାଲାଟ୍ ବକ୍ସର ପ୍ରକାର ସମ୍ପର୍କରେ ପ୍ରସ୍ତାବ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଆସନ୍ତା ଏପ୍ରିଲ ମାସରେ ୧୦ଟି ରାଜ୍ୟର ୩୭ଟି ଆସନ ଖାଲି ହେଉଛି। ଓଡ଼ିଶାର ୪ଟି ସମେତ ମହାରାଷ୍ଟ୍ର, ତାମିଲନାଡୁ, ପଶ୍ଚିମବଙ୍ଗ, ତେଲଙ୍ଗାନା, ବିହାର, ଛତିଶଗଡ଼, ଆସାମ, ହରିୟାଣା ଏବଂ ହିମାଚଳ ପ୍ରଦେଶରେ ଖାଲି ପଡ଼ିବାକୁ ଯାଉଥିବା

ଆସନଗୁଡ଼ିକ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଓଡ଼ିଶାର ରାଜ୍ୟସଭା ସାଂସଦ ମୁନା ଖାନ, ନିରଞ୍ଜନ ବିସି, ସୁଜିତ କୁମାର ଏବଂ ମମତା ମହନ୍ତଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ମାସ ୨ ତାରିଖରେ କାର୍ଯ୍ୟକାଳ ଶେଷ ହେବ।

BBSR/R

# କୃଷି ଓଡ଼ିଶା

ଓଡ଼ିଶା ବର୍ତ୍ତମାନ ନିଜକୁ ଖାଦ୍ୟ ବଳକା ରାଜ୍ୟ ଭାବେ ପ୍ରତିପାଦନ କରିପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ତ୍ରିଦିବସୀୟ କୃଷି ଓଡ଼ିଶା ୨୦୨୬କୁ ଆଜି ଶୁଭାରମ୍ଭ କରି ଶ୍ରୀ ସିଂହଦେଓ କହିଛନ୍ତି, ରାଜ୍ୟର ଚାଷୀଙ୍କୁ ସଠିକ ସମୟରେ ସାର, ବିହନ ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଚାଷୀଙ୍କ ଉତ୍ପାଦ ବଢ଼ାଇବା ପାଇଁ ସରକାର ସମସ୍ତ ପ୍ରକାର ସହାୟତା ପ୍ରଦାନ କରୁଛନ୍ତି। ଚାଷୀଙ୍କ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର କୃଷି ବିଦ୍ୟାନିଧି ଯୋଜନା ଆରମ୍ଭ କରିଛନ୍ତି। ଚଳିତ ବର୍ଷ ଏହି ଯୋଜନାରେ ୭୦ ହଜାର ପିଲା ପଞ୍ଜୀକରଣ କରିଛନ୍ତି। ମାଟିର ଉର୍ବରତା ପରୀକ୍ଷା ଏବଂ କୃତ୍ରିମ ବୁଦ୍ଧିମତାର ବ୍ୟବହାର କରି ଆଗାମୀ ଦିନରେ ଚାଷୀର ଆୟ ବହୁଗୁଣିତ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ

କରିଛନ୍ତି। ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଲକ୍ଷ୍ୟପୂରଣ ଦିଗରେ ସମସ୍ତଙ୍କୁ ଆଗକୁ ଆସିବା ପାଇଁ ଉପମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

**- V/O -**

ସମାବେଶରେ ଅର୍ନ୍ତଭୁକ୍ତୀକରଣ ମାଧ୍ୟମରେ ସହନଶୀଳ କୃଷି ପ୍ରସଙ୍ଗ ଆଧାରିତ କାର୍ଯ୍ୟକ୍ରମ, କୃଷି ଶିକ୍ଷା ଶିବିର ମାଧ୍ୟମରେ ଆଲୋଚନାଚକ୍ର, ଆଧୁନିକ କୃଷି ଯନ୍ତ୍ରପାତିର ପ୍ରଦର୍ଶନ କରାଯାଉଛି।

Desk

# ବେଟି ପଢ଼ାଓ ଅଭିଯାନ

'ବେଟି ପଢ଼ାଓ, ବେଟି ବଚାଓ' ଅଭିଯାନକୁ ଆଜି ୧୧ ବର୍ଷ ପୂରଣ ହୋଇଛି। ୨୦୧୫ ମସିହା ଜାନୁଆରୀ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହରିୟାଣା ପାନିପଥଠାରେ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ସମାଜରୁ ଲିଙ୍ଗଗତ ଅସମାନତାକୁ ଦୂର କରିବା ଏବଂ ଏକ ସାଂସ୍କୃତିକ ପରିବର୍ତ୍ତନକୁ ପ୍ରୋତ୍ସାହନ ପ୍ରଦାନ କରିବା ତଥା କନ୍ୟା ସନ୍ତାନଙ୍କ ଅଧିକାର ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏହି ଅଭିଯାନ ଦେଶରେ କାର୍ଯ୍ୟକାରୀ କରାଯାଇଛି। ୨୦୧୪-୧୫ରେ ରହିଥିବା ଲିଙ୍ଗଗତ ଅସମାନତା ଏବେ ବୃଦ୍ଧି ପାଇଥିବା ଏକ ଆକଳନରୁ ଜଣାପଡ଼ିଛି। କନ୍ୟା ସନ୍ତାନର ଜନ୍ମଠାରୁ ଆରମ୍ଭ କରି ତାକୁ ସଶକ୍ତ କରିବା ପର୍ଯ୍ୟନ୍ତ ଏହି ଅଭିଯାନ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଦେଶରେ

ପ୍ରତ୍ୟେକ କ୍ଷେତ୍ରରେ କନ୍ୟା ସନ୍ତାନ ନିଜର ସ୍ଥିତିକୁ ଜାହିର କରିବା ସହିତ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପ୍ରଦାନ କରୁଛନ୍ତି।

BBSR/R

# ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପିତ

ରାଜ୍ୟରେ ପାଣି ପଞ୍ଚାୟତ ଏକ ସ୍ଥିର, ପର୍ଯ୍ୟାପ୍ତ ଏବଂ ନିର୍ଭରଶୀଳ ଜଳଯୋଗାଣକୁ ସୁନିଶ୍ଚିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଭୁବନେଶ୍ୱର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ପାଣି ପଞ୍ଚାୟତ ପକ୍ଷ ୨୦୨୬ର ରାଜ୍ୟସ୍ତରୀୟ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, କୃଷି ଉତ୍ପାଦନ ବୃଦ୍ଧି ଓ ସମସ୍ତ ଚାଷଜମିକୁ ଜଳଯୋଗାଣ ପାଇଁ ସରକାର ବୃହତ୍ତ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମେତ ଉଠାଜଳସେଚନ ପ୍ରକଳ୍ପ ଓ ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ରାଜ୍ୟର ୧୫ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ୪୦ ହଜାର ୩୮୦ଟି ପାଣି ପଞ୍ଚାୟତ କାର୍ଯ୍ୟକାରୀ କରାଯାଉଛି। ଜଳର ସୁପରିଚାଳନା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ସହ ସେଚ ସହଭାଗିତା ୪.୦ର ଉନ୍ମୋଚିତ ହୋଇଯାଇଛି।

BBSR/RDesk

## ଗ୍ରାମରକ୍ଷୀ ମାସିକ ଭତ୍ତା

ରାଜ୍ୟରେ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଗ୍ରାମରକ୍ଷୀଙ୍କର ମାସିକ ଭତ୍ତାକୁ ସରକାର ବୃଦ୍ଧି କରିଛନ୍ତି । ଏଣିକି ୧୮ ଶହ ଟଙ୍କା ବଦଳରେ ଗ୍ରାମରକ୍ଷୀ ମାସିକ ଭତ୍ତା ବାବଦରେ ପାଇବେ ଅଢ଼େଇ ହଜାର ଟଙ୍କା । ତେବେ ସପ୍ତାହକୁ ଥରେ ସେମାନେ କାର୍ଯ୍ୟ କରୁଥିବା ସ୍ଥାନରେ ଯାଇ ଉପସ୍ଥାନ ଦେବାର ବ୍ୟବସ୍ଥା ମଧ୍ୟ ପ୍ରଚଳନ କରାଯାଇଛି । ଗ୍ରାମାଞ୍ଚଳରେ ଶାନ୍ତି ସୁରକ୍ଷା ରକ୍ଷା ଏବଂ ଅପରାଧୀ ଚିହ୍ନଟ ପ୍ରକ୍ରିୟାରେ ଗ୍ରାମରକ୍ଷୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

Desk

## ସୁରକ୍ଷା ସଚେତନତା ବାର୍ତ୍ତା

ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପର୍ବୂରୁ ଭଦ୍ରକସ୍ଥିତ ଧାମରା ଉଡ଼ାବାଲି ଦ୍ୱୀପରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପତାକା ଉତ୍ତୋଳନ କରିଛନ୍ତି । ଜନସାଧାରଣଙ୍କ ମଧ୍ୟରେ ଜାତୀୟ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରସାର ପାଇଁ ଗତ ବର୍ଷଠାରୁ ସମସ୍ତ ଦ୍ୱୀପରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶ୍ରୀ ଖୁରାନିଆ କହିଛନ୍ତି । ଡ୍ରୋନ୍ ସାହାଯ୍ୟରେ ଏରିଏଲ ସର୍ଭେ ଆରମ୍ଭ ହୋଇଛି । ଭବିଷ୍ୟତରେ ଅନ୍ୟ

ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାର ତଟ ସୁରକ୍ଷା ସବୁଠାରୁ ଉତ୍କୃଷ୍ଟ ହେବ ବୋଲି ଶ୍ରୀ ଖୁରାନିଆ ଆଶାବ୍ୟକ୍ତ କରିଛନ୍ତି ।

**- V/O –**

Desk

# ପରାକ୍ରମ ଦିବସ

ପରାକ୍ରମ ଦିବସ ଅବସରରେ ଆସନ୍ତାକାଲି କଟକ ଓଡ଼ିଆବଜାରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମପୀଠ ତଥା ସଂଗ୍ରହାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି । ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେବେ ।

ଶ୍ରୀ ରାଧାକ୍ରିଷ୍ଣନଙ୍କ ଗସ୍ତ ପରିପ୍ରେକ୍ଷୀରେ ଆଜି ପୁଲିସ ପକ୍ଷରୁ କାରକେଡ ଅଭ୍ୟାସ ସହିତ ଅନ୍ୟାନ୍ୟ ସୁରକ୍ଷା ସମ୍ପର୍କିତ ଯାଞ୍ଚ କାର୍ଯ୍ୟ ଜାରି ରହିଛି । ଆସନ୍ତାକାଲି ଉପରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ନେତାଜୀ ସଂଗ୍ରହାଳୟରେ ପହଞ୍ଚି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପୋଷ୍ଟାଲ ଗ୍ୟାଲେରୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

Desk

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ମାସ ୨ ତାରିଖରୁ ଓଡ଼ିଶାକୁ ୫ଦିନିଆ ଗସ୍ତରେ ଆସୁଛନ୍ତି । ୩ ତାରିଖରେ ବାଲେଶ୍ୱର ଫକୀର ମୋହନ

ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ୪ ତାରିଖରେ ଯାଜପୁର ମା' ବିରଜାଙ୍କ ଦର୍ଶନ ଏବଂ ୫ ଓ ୬ ତାରିଖରେ ମୟୂରଭଞ୍ଜ ଜିଲ୍ଲାରେ ଏକାଧିକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଯୋଗଦେବେ ବୋଲି ଜଣାପଡ଼ିଛି।

Puri

## ରଥକାଠ ପୂଜା

ମାଘ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥି ସରସ୍ୱତୀ ପୂଜା ଅବସରରେ ଆସନ୍ତାକାଲି ଆଗାମୀ ରଥଯାତ୍ରା ପାଇଁ ଓ ରଥକାଠ ପୂଜା କରାଯିବ। ରଥଯାତ୍ରା ପ୍ରସ୍ତୁତିର ପ୍ରଥମ ପର୍ବ ଆକାରରେ ରଥଖଳାଠାରେ ଏହି ପୂଜା ସମ୍ପନ୍ନ କରାଯିବ। ରଥଖଳାଠାରେ ତିନୋଟିଯାକ ରଥ ପାଇଁ ତିନୋଟି ୧୨ ଫୁଟିଆ ଧଉରା କାଠକୁ ପୂଜା କରାଯିବାର ବିଧି ରହିଛି। ରାମନବମୀ ଠାରୁ ରଥକାଠ ଚିରଟ ପ୍ରକ୍ରିୟା ଆରମ୍ଭ କରାଯିବ। ପାରମ୍ପରିକ ବିଧିବିଧାନ ଅନୁଯାୟୀ, ଆସନ୍ତା ଅକ୍ଷୟ ତୃତୀୟ ଦିନ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ।

Nayagarh

## ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ

ନୟାଗଡ଼ ଜିଲ୍ଲା ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରିତା ଲକ୍ଷ୍ୟ ନେଇ ପାମ୍ପରେଢ଼ାଠାରେ ଦ୍ୱିତୀୟ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୃତ୍ତଙ୍ଗ ଜଳସେଚନ ବିଭାଗ ପକ୍ଷରୁ ବିସ୍ଥାପିତ ହେବାକୁ ଥିବା ଦଶପଲ୍ଲା ବ୍ଲକ ଅର୍ନ୍ତଗତ ପାମ୍ପରେଢ଼ା ଏବଂ ଭଗାମୁଣ୍ଡା ଗ୍ରାମବାସୀ

ଏଥିରେ ଯୋଗ ଦେଇଥିଲେ। ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନ ପ୍ରସଙ୍ଗ ନେଇ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

Gajapati

## ବନାଗ୍ନି ସଚେତନତା

ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ହାଟପଦାଠାରେ ବନାଗ୍ନି ପ୍ରତିହତ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଖପୁରିପଦା ଜଙ୍ଗଲ ବିଭାଗ ଏବଂ ଭୁବନେଶ୍ୱରସ୍ଥିତ ଜନସେବା ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ବନାଗ୍ନିର କାରଣ ଏବଂ ଏହାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ପଥପ୍ରାନ୍ତ ନାଟକ ମଧ୍ୟ ଏହି ଅବସରରେ ଅନୁଷ୍ଠିତ ହୋଇଛି।

Nabarangpur

## ପ୍ରକଳ୍ପର ସମୀକ୍ଷା

ନବରଙ୍ଗପୁର ଜିଲ୍ଲା ସଦର ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସ୍ଥିତି ନେଇ ସାଂସଦ ବଳଭଦ୍ର ମାଝୀ ସମୀକ୍ଷା କରିଛନ୍ତି। ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏଥିରେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଲ୍ୟାଣମୂଳକ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସ୍ଥିତି ନେଇ ତଥ୍ୟ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ଶ୍ରୀ ମାଝୀ ଏକ ସରକାରୀ ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

BHK/Ganjam/Nayagarh

## ପକ୍ଷୀଗଣନା

ରାଜ୍ୟର ବିଭିନ୍ନ ବନଖଣ୍ଡରେ ଚାଲିଥିବା ପକ୍ଷୀ ଗଣନା କାର୍ଯ୍ୟ ଆଜି ଶେଷ ହୋଇଛି। ଭଦ୍ରକ ଜିଲ୍ଲା ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଚାନ୍ଦବାଲି, ଧାମନଗର, ଭଦ୍ରକ ଏବଂ ବାସୁଦେବପୁର ବ୍ଲକ ସମେତ ବୈତରଣୀ, ସାଳନ୍ଦୀ, ମନ୍ତେଇ ନଦୀରେ ପକ୍ଷୀ ଗଣନା ଶେଷ ହୋଇଛି। ୫୬ଟି ପ୍ରଜାତିର ୨୪ ହଜାର ୪୫୦ ପକ୍ଷୀ ରହିଥିବା ସୂଚନା ମିଳିଛି।

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବନଖଣ୍ଡ ଅଧୀନସ୍ଥ ୪ଟି ବନାଞ୍ଚଳରେ ମୋଟ୍ ୨୦ ହଜାର ୧୯ଟି ପକ୍ଷୀ ରହିଥିବା ଜଣାପଡ଼ିଛି। ଚଳିତଥର ଜିଲ୍ଲାର ବିଭିନ୍ନ ଜଳାଶୟରେ ବିଦେଶୀ ପକ୍ଷୀଙ୍କୁ ଦେଖିବାକୁ ମିଳିଥିବା ବନଖଣ୍ଡ ପକ୍ଷରୁ କୁହାଯାଇଛି। ତାମ୍ପରା ହ୍ରଦରେ ସବୁଠାରୁ ଅଧିକ ୪ହଜାର ୯୨ଟି ପକ୍ଷୀ ଚିହ୍ନଟ କରାଯାଇଛି।

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବନାଞ୍ଚଳ ପକ୍ଷରୁ କୁଆଁରିଆ ଜଳଭଣ୍ଡାରର ବଡ଼ଗୋଠ ଏବଂ ବନଦୁର୍ଗା ମନ୍ଦିର, ହଗୁରୀ ଓ ମଇଁସାବନ୍ଧଠାରେ ପକ୍ଷୀ ଗଣନା ହୋଇଛି। ସେଠାରେ ମୋଟ ୩ ହଜାର ୧୭ଟି ପକ୍ଷୀ ଥିବା ଜଣାପଡ଼ିଛି।

Nuapada

## ରୌପ୍ୟ ଜୟନ୍ତୀ

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗଦେଇ ମହିଳା ସଶକ୍ତୀକରଣ ଦିଗରେ ସରକାର ଗ୍ରହଣ କରୁଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରିଛନ୍ତି। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ବିଧାୟକ ଶ୍ରୀ ପାଣିଗ୍ରାହୀ ପୁରସ୍କୃତ କରିଛନ୍ତି।